# NATIONAL NEWS BULLETIN (ODIA)

**27 March- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତମ ୫-ଜି ସେବା ଯୋଗାଉଥିବା ଦେଶ ପାଲଟିଛି, କହିଲେ କେନ୍ଦ୍ର ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

- ଜାମ୍ମୁ କାଶ୍ମୀରରେ ନିର୍ମାଣାଧୀନ ଏସିଆ ମହାଦେଶର ଦୀର୍ଘତମ ଜୋଜିଲା ଟନେଲ୍‌ର ନିର୍ମାଣ କାର୍ଯ୍ୟ ୭୦ ପ୍ରତିଶତ ଶେଷ ହୋଇଥିବା ସୂଚନା

- ରାଜ୍ୟସଭାରେ କଂଗ୍ରେସ ପକ୍ଷରୁ ଆଗତ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଅଗ୍ରାହ୍ୟ

- ଶ୍ରୀଲଙ୍କାରେ ଜଟିଳ ପରିସ୍ଥିତିରେ ପହଞ୍ଚିଛି ଶକ୍ତି ସଂକଟ

ଏବଂ

- ଆଇପିଏଲ୍‌ରେ ଆଜି ମୁହାଁମୁହିଁ ହେବେ ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ଲକ୍ଷ୍ନୌ ସୁପରଜ୍ୟାଣ୍ଟ୍‌ସ

---

## ଅଶ୍ୱିନୀ-୫ଜି ମାର୍କେଟ

ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତମ ୫-ଜି ସେବା ଯୋଗାଇ ଦେଉଥିବା ଦେଶ ପାଲଟିଛି ବୋଲି କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଆଜି ନୂଆଦିଲ୍ଲୀରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶ୍ରୀ ବୈଷ୍ଣବ କହିଛନ୍ତି, ସରକାରଙ୍କ ଦୂରଦୃଷ୍ଟି ଯୋଗୁଁ

ବିଭିନ୍ନ କ୍ଷେତ୍ରରେ ମୌଳିକ ସ୍ତରରେ ପରିବର୍ତ୍ତନ ଘଟିଛି । ବିଭିନ୍ନ କ୍ଷେତ୍ରରେ ୧୧ ଲକ୍ଷ କୋଟି ଟଙ୍କାର ବିନିଯୋଗ ହୋଇଥିବା ସେ କହିଛନ୍ତି ।

ଶ୍ରୀ ବୈଷ୍ଣବ କହିଛନ୍ତି, ଭାରତୀୟ ରେଳବାଇ ବିଶ୍ୱର ଦ୍ୱିତୀୟ ବୃହତ୍ତମ ପରିବହନ ସଂସ୍ଥା ଭାବେ ବିବେଚିତ ହୋଇଛି । ଚଳିତ ବର୍ଷ ୧ ଦଶମିକ ୬ ବିଲିୟନ ଟନରୁ ଅଧିକ ପରିବହନ କରି ଭାରତୀୟ ରେଳ ରେକର୍ଡ ସ୍ଥାପନ କରିଛି । ଏହା ବ୍ୟତୀତ ଦେଶରେ ବନ୍ଦର ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । କିଛିବର୍ଷ ପୂର୍ବେ ଇଲେକ୍‌ଟ୍ରୋନିକ୍ସ ବିନିର୍ମାଣ କ୍ଷେତ୍ରରେ ଦେଶ ଅବହେଳାର ଶିକାର ହୋଇଥିଲେ ମଧ୍ୟ ବର୍ତ୍ତମାନ ଭାରତ ବିଶ୍ୱର ପ୍ରମୁଖ ଇଲେକ୍‌ଟ୍ରୋନିକ୍‌ସ ସାମଗ୍ରୀ ରପ୍ତାନୀକାରୀ ଦେଶମାନଙ୍କ ତାଲିକାରେ ସ୍ଥାନ ପାଇଛି ।

ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ଗତ ୧୦ବର୍ଷ ମଧ୍ୟରେ ଦେଶରେ ଆଇ.ଆଇ.ଟି. ଏବଂ ମେଡ଼ିକାଲ କଲେଜ ସଂଖ୍ୟା ଦୁଇଗୁଣରୁ ଅଧିକ ହୋଇଛି । ଚଳିତବର୍ଷ ଭାରତ ପ୍ରଥମ ମେଡ୍ ଇନ୍ ଇଣ୍ଡିଆ ଚିପ୍ ନିର୍ମାଣ କରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

---

# ଏଲ୍‌ଏସ୍- ଜୋଜିଲା ଟନେଲ୍

ଜାମ୍ମୁ କାଶ୍ମୀରରେ ନିର୍ମାଣାଧୀନ ଏସିଆ ମହାଦେଶର ଦୀର୍ଘତମ ଜୋଜିଲା ଟନେଲ୍‌ର ନିର୍ମାଣ କାର୍ଯ୍ୟ ୭୦ ପ୍ରତିଶତ ଶେଷ ହୋଇଥିବା ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି । ଆଜି ଲୋକସଭାରେ ପ୍ରଶ୍ନକାଳରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ଶ୍ରୀ ଗଡ଼କରୀ କହିଛନ୍ତି, ଏହି ଟନେଲ୍ ଶ୍ରୀନଗର ଏବଂ ଲଦାଖ ମଧ୍ୟରେ ସବୁଦିନିଆ ଯୋଗାଯୋଗର ମାଧ୍ୟମ ପାଲଟିବ । ଏହାର ନିର୍ମାଣ ପାଇଁ ୫

ହଜାର ୫୦୦ କୋଟିରୁ ଅଧିକ ଟଙ୍କା ବରାଦ କରାଯାଇଥିବା ସେ ଗୃହକୁ ସୂଚନା ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ଗଡ଼କରୀ କହିଛନ୍ତି, ଏହି ଟନେଲ୍ ୧୩ କିଲୋମିଟରରୁ ଅଧିକ ଲମ୍ବର ହୋଇଥିବା ବେଳେ ପ୍ରାୟ ୩୦ କିଲୋମିଟରର ଆପ୍ରୋଚ୍ ରୋଡ୍ ରହିଛି । ସେ କହିଛନ୍ତି ସେଥିଲାଗି ଜାମ୍ମୁ-କାଶ୍ମୀରରେ ୨ ଲକ୍ଷ କୋଟି ଟଙ୍କା ସମ୍ବଳିତ ରାସ୍ତା ନିର୍ମାଣ ପ୍ରକଳ୍ପ ଜାରି ରହିଛି ।

**V/O**

ମନ୍ତ୍ରୀ ଶ୍ରୀ ଗଡ଼କରୀ କହିଛନ୍ତି, ଜାମ୍ମୁ ଏବଂ କାଶ୍ମୀର ମଧ୍ୟରେ ୨୨ଟି ଟନେଲ୍ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ଏବଂ ବର୍ଡର ରୋଡ୍ ଅର୍ଗାନାଇଜେସନ୍ ଅନ୍ୟ ୧୪ଟି ଟନେଲ୍‌ର ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି ।

ଏହିସବୁ ଟନେଲ୍‌ର ନିର୍ମାଣ କାର୍ଯ୍ୟ ଶେଷ ହେଲେ, ୯ ଘଣ୍ଟାର ଦୂରତା ୩ ଘଣ୍ଟାକୁ ହ୍ରାସ ପାଇବ ।

ଅନ୍ୟପକ୍ଷରେ ଆସନ୍ତା ୨ ବର୍ଷ ମଧ୍ୟରେ ୨୫ ହଜାର କିଲୋମିଟର ଜାତୀୟ ରାଜପଥକୁ ୨ ଲେନ୍‌ରୁ ୪ ଲେନ୍ ବିଶିଷ୍ଟ କରାଯିବ ବୋଲି ଶ୍ରୀ ଗଡ଼କରୀ ଲୋକସଭାରେ ସୂଚନା ଦେଇଛନ୍ତି ।

## ଲୋକସଭା-ଏୟାର ଟିକେଟ୍

କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟକୁ ଉଡ଼ାଜାହାଜ ଟର୍ବାଇନ୍‌ରେ ବ୍ୟବହୃତ ହେଉଥିବା ତୈଳ ଉପରେ ମୂଲ୍ୟଯୁକ୍ତ କର-ଭାଟ୍ ହ୍ରାସ କରିବା ଲାଗି ପତ୍ର ଲେଖିଛନ୍ତି । ଆଜି ଲୋକସଭାରେ ପ୍ରଶ୍ନକାଳ ସମୟରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ.

ରାମମୋହନ ନାଇଡୁ କହିଛନ୍ତି, ଉଡ଼ାଜାହାଜ ଟର୍ବାଇନ୍‌ରେ ବ୍ୟବହାର ହେଉଥିବା ତୈଳ ଯୋଗୁଁ ୮୫ ପ୍ରତିଶତ ଦର ବୃଦ୍ଧି ପାଇଥିବା ବେଳେ ରାଜ୍ୟଗୁଡ଼ିକ  ଲାଗୁ କରୁଥିବା ୨୯ ପ୍ରତିଶତ ଭାଟ୍ ପାଇଁ ଟିକେଟ୍ ମୂଲ୍ୟ ଅଧିକ ବୃଦ୍ଧି ପାଇଛି ।

ସେ କହିଛନ୍ତି, କେତେକ ରାଜ୍ୟ ଭାଟ୍ ହ୍ରାସ କରିଥିଲେ ମଧ୍ୟ ତାମିଲନାଡୁ ସରକାର ୨୯ ପ୍ରତିଶତ ମୂଲ୍ୟଯୁକ୍ତ କର ଲାଗୁ କରିଛନ୍ତି । ସେ କହିଛନ୍ତି, ବିମାନ ଟିକେଟ୍ ଦର କେନ୍ଦ୍ର ସରକାର ସ୍ଥିର କରନ୍ତି ନାହିଁ । ଏହା ବିଭିନ୍ନ ବିଷୟକୁ ଆଧାର କରି ସ୍ୱୟଂକ୍ରିୟ ଭାବେ ବୃଦ୍ଧି କିମ୍ବା ହ୍ରାସ ପାଇଥାଏ ।

## ରାଜ୍ୟସଭା-ପ୍ରିଭିଲେଜ୍

ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ କଂଗ୍ରେସ ପକ୍ଷରୁ ଆଗତ ସ୍ୱାଧିକାର ଭଙ୍ଗ ପ୍ରସ୍ତାବକୁ ଅଗ୍ରାହ୍ୟ କରିଛନ୍ତି । କଂଗ୍ରେସର ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧୀଙ୍କ ଉପରେ ଆପତ୍ତି ଅଭିଯୋଗକୁ କେନ୍ଦ୍ର କରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ବିରୁଦ୍ଧରେ କଂଗ୍ରେସ ପକ୍ଷରୁ ସ୍ୱାଧିକାରଳ ଭଙ୍ଗ ପ୍ରସ୍ତାବ ଆଗତ କରାଯାଇଥିଲା । ରାଜ୍ୟସଭାରେ କଂଗ୍ରେସ ସାଂସଦ ଜୟରାମ ରମେଶ ଏହି ପ୍ରସ୍ତାବ ଆଗତ କରିଥିଲେ । ପୂର୍ବରୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଥିଲେ, କଂଗ୍ରେସ ସରକାର ଥିବା ସମୟରେ ଗୋଟିଏ ପରିବାର ପ୍ରଧାନମନ୍ତ୍ରୀ ରିଲିଫ୍ ପାଣ୍ଠି ପରିଚାଳନା କରୁଥିଲେ । ଏହି ସ୍ୱାଧିକାର ଭଙ୍ଗ ପ୍ରସ୍ତାବକୁ ଅଗ୍ରାହ୍ୟ କରି ଅଧ୍ୟକ୍ଷ ଜଗଦୀପ ଧନଖଡ଼ କହିଛନ୍ତି, ସେ ଏହି ପ୍ରସ୍ତାବ ଉପରେ ତର୍ଜମା କରିଛନ୍ତି ଏବଂ ଏଥିରେ ଦୋଷ ଦେଲାଭଳି କୌଣସି ତଥ୍ୟ ନଥିବା ଅନୁଭବ  କରିବା ପରେ ଏହାକୁ ଅଗ୍ରାହ୍ୟ କରିଛନ୍ତି ।

ଅନ୍ୟପକ୍ଷରେ ଗୃହରେ ସଦସ୍ୟମାନେ ଯେଉଁଭଳି ଭଲ ଆଚରଣ କରିବେ, ସେ ନେଇ ଅଧ୍ୟକ୍ଷ ସଦାଚାର କମିଟିକୁ ନୂଆ ପରାମର୍ଶବଳୀ ଜାରି କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ।

## ଶ୍ରୀଲଙ୍କା-ଏନର୍ଜି

ଶ୍ରୀଲଙ୍କାରେ ଶକ୍ତି ସଂକଟ ଜଟିଳ ପରିସ୍ଥିତିରେ ପହଞ୍ଚିଛି । ସେଠାକାର ଶକ୍ତିକ୍ଷେତ୍ର ସମ୍ମୁଖୀନ ହେଉଥିବା ସମସ୍ୟା ଗୁଡ଼ିକ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଶକ୍ତି ଯୋଗାଣରେ ଅନିୟମିତତା ଦେଖାଦେଇଛି । କିଛିଦିନ ତଳେ ଭାରତର ଆଦାନୀ ଗ୍ରୁପ୍ ମନାର୍ ଠାରେ ହେବାକୁ ଥିବା ୪୪୨ ମିଲିୟନ ଡଲାର ସମ୍ବଳିତ ପବନ ଶକ୍ତି ପ୍ରକଳ୍ପରୁ ଓହରିଯିବା ପରେ ମଧ୍ୟ ଶକ୍ତି ସଂକଟ ଅଧିକ ହୋଇଛି । ଶ୍ରୀଲଙ୍କାରେ ଶକ୍ତି କ୍ଷେତ୍ରରେ ବିଦେଶୀ ପୁଞ୍ଜି ନିବେଶ ଆଖିଦୃଶିଆ ହେଉନଥିବା ବେଳେ, ଅଦାନୀ ଗ୍ରୁପ୍‌ର ନିଷ୍ପତ୍ତି ସେଠାକାର ଶକ୍ତିକ୍ଷେତ୍ର ଉପରେ ପ୍ରଭାବ ପକାଇଛି ।

ସୂଚନା ଅନୁଯାୟୀ ଅଦାନୀ ଗ୍ରୀନ୍ ଏନର୍ଜି ଓ ଶ୍ରୀଲଙ୍କା ଶକ୍ତି କ୍ଷେତ୍ର ମଧ୍ୟରେ ବିଦ୍ୟୁତ୍ ଦର ନେଇ ବୁଝାମଣା ହୋଇ ନପାରିବାରୁ ଏଭଳି ପରିସ୍ଥିତି ଉପୁଜିଛି ।

ଗତ ରବିବାର ଦିନ ଶ୍ରୀଲଙ୍କାରେ ପ୍ରାୟ ୨୪ ଘଣ୍ଟାରୁ ଅଧିକ ସମୟ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା । ସେଠାକାର ସିଲୋନ୍ ବିଦ୍ୟୁତ୍ ବୋର୍ଡ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଶ୍ରୀଲଙ୍କାରେ ୨୦୨୩ରେ କୋଇଲାରୁ ହେଉଥିବା ଶକ୍ତି ଉତ୍ପାଦନ କିଲୋୱାଟ୍ ପିଛା ୩୧ ଟଙ୍କା ପଡୁଥିବା ବେଳେ ତୈଳ ଆଧାରିତ ଶକ୍ତି ପାଇଁ କିଲୋୱାଟ୍ ପିଛା ୧୧୫ ଟଙ୍କା ସ୍ଥିର କରାଯାଇଥିଲା । ଏବେ ଶକ୍ତି କ୍ଷେତ୍ରର ଶଙ୍କଟ ମୁକାବିଲା ଲାଗି ଶ୍ରୀଲଙ୍କା

ସରକାରଙ୍କ ପକ୍ଷରୁ ନବୀକରଣ ଯୋଗ୍ୟ ଶକ୍ତି ଉପରେ ନିର୍ଭର କରିବା ଲାଗି ଧ୍ୟାନ ଦେଉଛନ୍ତି ।

---

## ଝାଡ଼ଖଣ୍ଡ ବିଜେପି

ଝାଡ଼ଖଣ୍ଡ ବିଧାନସଭାର ପ୍ରବେଶ ଦ୍ୱାର ନିକଟରେ ବିଜେପି ବିଧାୟକମାନେ ସରକାର ବିରୋଧୀ ସ୍ଲୋଗାନ ଦେବା ସହ ପ୍ରଦର୍ଶନ କରିଛନ୍ତି । ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ କରିବା ଲାଗି ସେମାନେ ଦାବି କରିଛନ୍ତି । ବିରୋଧୀ ଦଳ ନେତା ବାବୁଲାଲ ମାରାଣ୍ଡି କହିଛନ୍ତି, ରାଜ୍ୟରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି ଏବଂ ପୁଲିସ୍ ବ୍ୟବସ୍ଥା ଉପରେ ଜନସାଧାରଣଙ୍କ ଆସ୍ଥା ତୁଟି ଯାଇଛି । ଅନ୍ୟପକ୍ଷରେ ରାଞ୍ଚିର ସାଂସଦ ତଥା ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଂଜୟ ସେଠ୍ ଆଜି ନିଜ ସମର୍ଥକଙ୍କ ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସେ ରାଞ୍ଚିର ରାତୁ ରୋଡ୍‌ରେ ବିକ୍ଷୋଭ ପ୍ରଦର୍ଶନ କରି ହେମନ୍ତ ସୋରେନଙ୍କ ସରକାର ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବଜାୟ ରଖିବାରେ ବିଫଳ ହୋଇଥିବା କହିଛନ୍ତି ।

**V/O**

---

## ଜେକେ ଏନ୍‌କାଉଣ୍ଟର

ଜାମ୍ମୁ କାଶ୍ମୀରର କଠୁଆ ଜିଲ୍ଲାରେ ଆଜି ପୁଣି ଆତଙ୍କବାଦୀ ଏବଂ ସୁରକ୍ଷା ବଳ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି । ଗତ ୪ ଦିନ ହେବ କାଠୁଆ ଜିଲ୍ଲାର କେତେକ ସ୍ଥାନରେ  ସନ୍ତ୍ରାସବାଦ ନିରୋଧୀ କାର୍ଯ୍ୟକଳାପ ଜାରି ରହିଛି । ଆମ ଜାମ୍ମୁ ସମ୍ବାଦଦାତା ଜଣାଇଛନ୍ତି, ରାଜବାଗ ଅଞ୍ଚଳ ଅନ୍ତର୍ଗତ ଜୁଥାନା ଘାଟିରେ ସୁରକ୍ଷା ବଳ ପକ୍ଷରୁ ଆତଙ୍କବାଦୀଙ୍କୁ ଠାବ କରିବା ଲାଗି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି । ପୂର୍ବରୁ ସାନ୍ୟାଲ ଗ୍ରାମରେ

ଆତଙ୍କବାଦୀଙ୍କୁ ଧରିବା ପାଇଁ ଅଭିଯାନ ଆରମ୍ଭ ହୋଇଥିବା ବେଳେ ସେମାନେ ଘାଟି ଅଞ୍ଚଳକୁ ପଳାଇ ଆସିଥିବା ଅନୁମାନ କରାଯାଉଛି ।

## ବାଂଲାଦେଶ-ୟୁନୁସ୍

ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ଡକ୍ଟର ମହମ୍ମଦ ୟୁନୁସ୍ ଚୀନ୍‌ର ହାଇନାନ୍‌କୁ ୪ ଦିନିଆ ସରକାରୀ ଗସ୍ତରେ ଯାଇଛନ୍ତି । ସେ ବୋଆଓ ଫୋରମ୍ ଫର୍ ଏସିଆର ବାର୍ଷିକ ସମ୍ମିଳନୀରେ ଯୋଗଦେବେ । ଏହି ସମ୍ମିଳନୀ ୨୫ ତାରିଖଠାରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତାକାଲି ଶେଷ ହେବ । ଏଥିରେ ୬୦ ଟି ଦେଶର ୨ ହଜାରରୁ ଅଧିକ ଅତିଥି ଯୋଗ ଦେବା ଆଶା କରାଯାଉଥିବା ବେଳେ ୩୦ଟି ଦେଶର ୧ ହଜାର ୧୦୦ରୁ ଅଧିକ ସାମ୍ବାଦିକମାନେ ଯୋଗ ଦେବେ ବୋଲି ଜଣାପଡ଼ିଛି ।

ସୂଚନା ଅନୁଯାୟୀ ଡକ୍ଟର ୟୁନୁସ୍ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କ ସହ ଆସନ୍ତାକାଲି ଦ୍ୱିପାକ୍ଷିକ ବୈଠକ କରିବେ । ବାଂଲାଦେଶ ବିଦେଶ ସଚିବ ମହମ୍ମଦ ଜସିମ୍ ଉଦ୍ଦୀନ କହିଛନ୍ତି ଏହି ବୈଠକରେ ବାଂଲାଦେଶ ଏବଂ ଚୀନ୍ ମଧ୍ୟରେ ବାଣିଜ୍ୟ, ପୁଞ୍ଜି ନିବେଶ, କୃଷି, ଭିତ୍ତିଭୂମି ନିର୍ମାଣ ଭଳି ବିଷୟ ଉପରେ ଅଲୋଚନା ହେବ ।

## ଆଇପିଏଲ୍

ଆଇପିଏଲ୍ ସଂସ୍କରଣରେ ଆଜି ହାଇଦ୍ରାବାଦ୍‌ଠାରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଓ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଆରମ୍ଭ ହେବ ।

ଗତକାଲିର ମ୍ୟାଚ୍‌ରେ କୋଲକାତା ନାଇଟ୍‌ରାଇଡର୍ସ୍ ରାଜସ୍ଥାନ ରୟାଲ୍ସକୁ ୮ ୱିକେଟ୍‌ରେ ପରାସ୍ତ କରିଛି । ଗୌହାଟୀଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ କୋଲକାତା ନାଇଟ୍‌ରାଇର୍ଡସ୍ ଟସ୍ ଜିତି ବୋଲିଂ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ରାଜସ୍ଥାନ ରୟାଲ୍ସ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ୧୫୧ରନ୍ କରିଥିଲା । ୧୫୨ରନ୍ ବିଜୟ ଲକ୍ଷ୍ୟର ପିଛା କରି କୋଲକାତା ନାଇଟ୍‌ରାଇଡର୍ସ୍ ୧୭ ଓଭର ଓ ୩ଟି ବଲ୍‌ରେ ୨ଟି ୱିକେଟ୍ ହରାଇ ୧୫୩ରନ୍ ସଂଗ୍ରହ କରିଥିଲା । ପଏଣ୍ଟ ତାଲିକାରେ ସନ୍‌ରାଇଜର୍ସ ହାଇଦ୍ରାବାଦ ୨ ପଏଣ୍ଟ ସହ ଶୀର୍ଷରେ ଥିବା ବେଳେ ରୟାଲ୍ ଚାଲେଞ୍ଜର୍ସ ବାଙ୍ଗାଲୋର ସମାନ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି ।

---